# ଅଲିଭ୍ ରିଡ୍‌ଲେ ଗଣଅଣ୍ଡାଦାନ ସୁରକ୍ଷା ନେଇ ପ୍ରସ୍ତୁତି

ବ୍ରହ୍ମପୁର ଅଫିସ୍,୨୫।୧୧



ବ୍ରହ୍ମପୁର ବନ ବିଭାଗ କାର୍ଯ୍ୟାଳୟ ବୈଠକରେ ମଞ୍ଚାସୀନ ଅତିଥି ।

ଅଲିଭ୍ ରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନର କିଭଳି ଠିକ୍ ଭାବେ ହୋଇପାରିବ ସେ ନେଇ ବ୍ରହ୍ମପୁର ବନ ବିଭାଗ କାର୍ଯ୍ୟାଳୟରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବନ ସଂରକ୍ଷଣ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଇଁଛଙ୍କର ଗଣ ଅଣ୍ଡାଦାନ ଓ ଛୁଆମାନଙ୍କର ସୁରକ୍ଷା ନିମନ୍ତେ ବିଧିବଦ୍ଧ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ମାସ ପ୍ରଥମ ସପ୍ତାହରୁ ମେ ମାସ ଯାଏ କଇଁଛଙ୍କ ସୁରକ୍ଷା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରଯାଇଛି। ମାଛଧରା ଡ଼ଙ୍ଗା ସାହାଯ୍ୟରେ ସମୁଦ୍ର ମଧ୍ୟରେ କଇଁଛ ରହିଥିବା ସ୍ଥାନକୁ ଯାଞ୍ଚ କରାଯାଉଛି। ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଅଲିଭ୍ ରିଡ୍‌ଲେ କଇଁଛଙ୍କର ଗଣ ଅଣ୍ଡାଦାନର ସୁରକ୍ଷା ନିମନ୍ତେ ଦାୟିତ୍ୱ ଦିଆ ଯାଇଥିବା ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହ ଅଣ୍ଡାଦାନ ସମୟରେ ସମୁଦ୍ର ମୁହାଣରେ ୧୪୪ ଧାରା ଜାରି କରାଯିବ ବୋଲି ଜଣାପଡ଼ିଛି। ନଭେମ୍ବର ଓ ଡ଼ିସେମ୍ବରରେ କଇଁଛଙ୍କ ମିଳନ ପ୍ରକ୍ରିୟା ଓ ଫେବୃୟାରୀ ଦ୍ୱିତୀୟ ସପ୍ତାହ ପରେ ଗଣ ଅଣ୍ଡାଦାନ ଆରମ୍ଭ ହୋଇଥାଏ। ଏହାର ୫୦ ଦିନ ପରେ ଛୁଆ କଇଁଛଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ବୈଠକରେ ମତ ପ୍ରକାଶ ପାଇଥିଲା। ବିଶେଷ କରି ଜିଲାର ଋଷିକୁଲ୍ୟା ଉପକୂଳରେ ରହିଥିବା ପ୍ରାୟ ୫୪ କି.ମି.ବେଳାଭୂମି ଉପକୂଳବର୍ତ୍ତୀ ଇଲାକାରେ କଇଁଛଙ୍କର ସୁରକ୍ଷା ପାଇଁ ବନ ବିଭାଗ ପଦକ୍ଷେପ ଗ୍ରହଣ କରିଛି। ତତ୍‌ସହିତ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ଗଣ ଅଣ୍ଡାଦାନର ସୁରକ୍ଷା ନିମନ୍ତେ ଦାୟିତ୍ୱ ଦିଆଯାଇଛି। ଜିଲାରେ ପ୍ରତ୍ୟେକ ବର୍ଷ ଅଲିଭ୍ ରିଡ଼େଲ୍ କଇଁଛଙ୍କର ଗଣ ଅଣ୍ଡାଦାନ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଏହି ମର୍ମରେ ପୁରୁଣା ବନ୍ଧ, ଗୋଖରକୁଦା ଓ ପୋଡ଼ମପେଟା ଅଞ୍ଚଳର ମତ୍ସ୍ୟଜୀବୀମାନେ ଏଥିରେ ସମ୍ପୂର୍ଣ୍ଣ ସାହାଯ୍ୟ କରୁଛନ୍ତି ବୋଲି ଋଷିକୁଲ୍ୟା ମୁହାଣ କଇଁଛ ସୁରକ୍ଷା କମିଟି ସମ୍ପାଦକ ରବୀନ୍ଦ୍ର ନାଥ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ, ଏସିଏଫ୍ ଅଶୋକ କୁମାର ବେହେରାଙ୍କ ସମେତ ବ୍ରହ୍ମପୁର ରେଞ୍ଜର ଦିଲୀପ କୁମାର ମାର୍ଥା, ସାମନ୍ତିଆପଲ୍ଲୀ ରେଞ୍ଜର ରଜତ କୁମାର ମିଶ୍ରଙ୍କ ସମେତ ବ୍ରହ୍ମପୁର ବନଖଣ୍ଡର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଇଆର୍‌ଇର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିର ଆସିପାରିଲେନି ଶ୍ରଦ୍ଧାଳୁ

### ଜାରି ହୋଇଥିଲା ୧୪୪ ଧାରା

ପାରଳାଖେମୁଣ୍ଡି,୨୫।୧୧(ଡି.ଏନ୍.ଏ.)

କାର୍ତ୍ତିକ ଶୁକ୍ଳ ଏକାଦଶୀ ତଥା ଭୀଷ୍ମ ପଞ୍ଚମ ବ୍ରତ ଆରମ୍ଭ ଦିନ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ଚଳିତବର୍ଷ କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଗଜପତି ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଲାଗୁ କରାଯାଇଥିଲା। ମଙ୍ଗଳବାର ଭୋର୍‌ରୁ ମନ୍ଦିର ଚାରିପାଖରେ ୧୦୦ ମିଟର ଦୂରରୁ ୧୪୪ ଧାରା ଲାଗୁ ହୋଇ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ବାରଣ କରାଯାଇଥିଲା। ପୂର୍ବାହ୍ନ ୧୦ ଘଣ୍ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିଥିଲା। ପାରଳା ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ମାଜିଷ୍ଟ୍ରେଟ ଭାବେ ଥିବାବେଳେ ପାରଳା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ୍ ସଜାଗ ରହିଥିଲା।

## ଆନ୍ତର୍ଜାତିକ ବାଲୁକା କଳା ଉତ୍ସବରେ ଭାଗ ନେବେ ସତ୍ୟ

ବ୍ରହ୍ମପୁର ଅଫିସ୍,୨୫।୧୧


ସତ୍ୟ ନାରାୟଣ ମହାରଣା

ବାଲୁକା କଳା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଭାଗ ନେବାର ସୁଯୋଗ ପାଇଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡ଼ିସେମ୍ବର ୧ରୁ ୫ ତାରିଖ ଯାଏ କୋଣାର୍କ ଚନ୍ଦ୍ରଭାଗାଠାରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ନିମନ୍ତେ ସତ୍ୟ ନଭେମ୍ବରରେ ଆବେଦନ କରିଥିଲେ। ଏହାପରେ ସତ୍ୟଙ୍କ ବାଲୁକା କଳା କର୍ମକର୍ତ୍ତାଙ୍କ ଦ୍ୱାରା ମନୋନୀତ ହେବା ପରେ ସତ୍ୟ ଏହି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ଗଞ୍ଜାମ ଜିଲାର କଳା, ସଂସ୍କୃତି ଓ ଲୋକ କଳାକୁ ଲୋକାଭିମୁଖୀ କରିବାରେ ଏହା ବିଶେଷ ସହାୟକ ହେବ ବୋଲି ସତ୍ୟ କହିଛନ୍ତି।

## କୋଭିଡ୍ ୧୯ ଉପରେ ସମୀକ୍ଷା

ଭଞ୍ଜନଗର,୨୫।୧୧(ଡି.ଏନ.ଏ.)

କୋଭିଡ୍-୧୯ ଉପରେ ରାଜ୍ୟ ସରକାର ଏକ ଡକ୍ୟୁମେଣ୍ଟାରୀ କରିବେ। ଏହାପୂର୍ବରୁ କୋଭିଡ୍-୧୯ ସହ ଜଡିତ କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ମତାମତ ସଂଗ୍ରହ କରୁଛନ୍ତି। ଭଞ୍ଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଲୋକ ପ୍ରତିନିଧି ପ୍ରମୁଖଙ୍କ ମତାମତ ସଂଗ୍ରହ କରାଯାଇଥିଲା। ଏହି ସମୟରେ ସମସ୍ତ ମତାମତର ଭିଡିଓ ରେକର୍ଡିଂ କରାଯାଇଥିଲା। ଅଜୟ ତ୍ରିପାଠୀ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




## ଟ୍ରେଡ୍ ୟୁନିୟନ, କୃଷକ ସଙ୍ଗଠନ ପକ୍ଷରୁ ପଥପ୍ରାନ୍ତ ସଭା

ଆସିକା,୨୫।୧୧ (ଡି.ଏନ୍.ଏ)

କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର ଆହ୍ୱାନ କରାଯାଇଥିବା ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ସମ୍ପୃକ୍ତ ସଂଗଠନ ପକ୍ଷରୁ ଉଦ୍ୟମ ଜୋରଦାର କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଆସିକା ସ୍ଥିତ ସିପିଆଇ, ସିପିଏମ ଓ ସିପିଆଇ ଏମ୍‌ଏଲ୍ ରେଡଷ୍ଟାର ପକ୍ଷରୁ ଆସିକା ସହରରେ ଶୋଭାଯାତ୍ରା ସହ ପଥପ୍ରାନ୍ତ ସଭା କରାଯାଇ ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି। କେନ୍ଦ୍ର ସରକାରର ଶ୍ରମିକ, କୃଷକ ମାରଣ ନୀତି ସାଙ୍ଗକୁ ବେରୋଜଗାରି ପରିସ୍ଥିତିର ଅହେତୁକ ବୃଦ୍ଧି, ଧନି ଓ କର୍ପୋରେଟ ମାଲିକଙ୍କ ସ୍ୱାର୍ଥରକ୍ଷା ଲାଗି ରିତିମତ ଉଦ୍ୟମ ଏବଂ ଘରୋଇ କରଣ ବ୍ୟବସ୍ଥା ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରାଯାଇଥିଲା। ସିପିଆଇ ପକ୍ଷରୁ ପୀତବାସ ମହାପାତ୍ର, ରାଜେନ୍ଦ୍ର ଦାସ, ସିପିଏମ ପକ୍ଷରୁ ଲକ୍ଷ୍ମଣ ପାଢୀ, ସୁବାସ ପ୍ରଧାନ ଓ ସିପିଆଇଏମ୍‌ଏଲ୍ ରେଡଷ୍ଟାର ପକ୍ଷରୁ ଶଙ୍କର ସାହୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

## ଦାରିଙ୍ଗବାଡ଼ିରେ ଶୀତ ଲହରି

ଦାରିଙ୍ଗବାଡ଼ି,୨୫।୧୧(ଡି.ଏନ୍.ଏ.)

- ୮.୫ ଡିଗ୍ରୀ ତଳକୁ ଖସିଲା ପାରଦ
- ଜାଡ଼ରେ ଥରୁଛି କନ୍ଧମାଳ

ଦାରିଙ୍ଗବାଡ଼ିରେ ଶୀତ ଲହରି ଜାରି ରହିଛି। ବୁଧବାର ପାଗ ଶୁଖିଲା ସହ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ତଳକୁ ଖସିଆସିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସମଗ୍ର ଜିଲାରେ ଏବେ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଚଳିତବର୍ଷ ଶୀତ ବିଳମ୍ବରେ ଆସିଥିବା ବେଳେ ଏବେ ୨ଦିନ ହେଲା ପ୍ରକୋପ ବୃଦ୍ଧି ଯୋଗୁ ଜାଡ଼ରେ ଲୋକେ ହଇରାଣ ହେଉଛନ୍ତି। ସେପଟେ ଶୀତର ମଜା ନେବାକୁ ଜିଲା ସମେତ ଜିଲା ବାହାରୁ ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ଦାରିଙ୍ଗବାଡ଼ିକୁ ବଢ଼ିଲାଣି। ଜିଲାର ବିଭିନ୍ନ ପର୍ଯ୍ୟଟନକେନ୍ଦ୍ରକୁ କରୋନା କଟକଣା ପାଇଁ ବନ୍ଦ ରଖାଯାଇଥିବାରୁ ଖୋଲା ପାହାଡ଼, ଝରଣା, ପାଇନବଣ ଦେଖି ପର୍ଯ୍ୟଟକ ଫେରୁଛନ୍ତି। ସେପଟେ ଅଞ୍ଚଳରେ ପ୍ରବଳ ଥଣ୍ଡା କାରଣରୁ କରୋନା କଟକଣାକୁ କଡ଼ାକଡ଼ି କରାଯାଇଛି। ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ସତର୍କତା ଅବଲମ୍ବନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି।










## ଅଟୋ ଓଲଟି ୨ ଆହତ

ଭଞ୍ଜନଗର,୨୫।୧୧(ଡି.ଏନ୍.ଏ.)

ଭଞ୍ଜନଗର କେଏସ୍‌ୟୁବି କଲେଜ ଫାଟକ ସମ୍ମୁଖରେ ଏକ ଅଟୋ ଜାତୀୟ ରାଜପଥ ଉପରେ ବୁଧବାର ଓଲଟି ପଡିଥିଲା। ଏଥିରେ ଅଟୋ ଚାଳକଙ୍କ ସମେତ ଜଣେ ମହିଳା ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଛି। ଆହତ ଯାତ୍ରୀଦ୍ୱୟ ଜି.ଉଦୟଗିରିର ହୋଇଥିବା ବେଳେ ସେମାନଙ୍କ ନାମ ଜଣାପଡିନାହିଁ। କୌଣସି କାମରେ ସେମାନେ ଭଞ୍ଜନଗର ଆସି ଅପରାହ୍ନରେ ଫେରୁଥିବା ବେଳେ ଏକ ଗଧ ଅଟୋ ଆଗକୁ ଚାଲିଆସିବାରୁ ଚାଳକ ବ୍ରେକ୍ ମାରିଥିଲେ। ଅଟୋଟି ରାସ୍ତା ଉପରେ ଓଲଟି ପଡିଥିଲା। ଅଧ୍ୟାପକ ଆମାଶ ପାଢ଼ମାଝୀ, ବିଜୟ ମଲିକ ପ୍ରମୁଖ ଅଟୋତଳେ ଚାପି ହୋଇଥିବା ଚାଳକ ଓ ମହିଳାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ।

## ପ୍ରାଣୀ ଚିକିତ୍ସକଙ୍କ କଳାବ୍ୟାଜ୍ ପରିଧାନ

ପାରଳାଖେମୁଣ୍ଡି,୨୫।୧୧(ଡି.ଏନ୍.ଏ.)

ପ୍ରାଣୀ ଚିକିତ୍ସକମାନଙ୍କର ବିଭିନ୍ନ ଦାବି ପୂରଣ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସେମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଗଜପତି ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଗତ ୨୦ ତାରିଖରୁ କଳାବ୍ୟାଜ୍ ପରିଧାନ କରିଛନ୍ତି। ଆସନ୍ତା ୨୭ ତାରିଖ ଯାଏ ସେମାନେ ଏପରି ପ୍ରତିବାଦ ଜଣାଇ କାର୍ଯ୍ୟ କରିବେ। ଏହି ଅବଧି ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଗଲେ ଅନଲାଇନ କାର୍ଯ୍ୟଗୁଡିକ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି। ପ୍ରବେଶ ପଦବୀକୁ କନିଷ୍ଠ ପ୍ରଥମ ଶ୍ରେଣୀ ମାନ୍ୟତା ପ୍ରଦାନ କରିବା, ବିଭାଗକୁ ଜରୁରିକାଳୀନ ବିଭାଗର ମାନ୍ୟତା ସହ ଭିତ୍ତିଭୂମି ଯୋଗାଇ ଦେବା, ଡିଜିଟାଲାଇଜେଶନ ସେବା ପ୍ରଦାନ ସକାଶେ ଅତ୍ୟାଧୁନିକ ଉପକରଣ ଓ ଡାଟା ଏଣ୍ଟ୍ରି ଅପରେଟର ଯୋଗାଇ ଦେବା, ପ୍ରାଣୀ ଚିକିତ୍ସକଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିବା ଆଦି ଦାବି ରହିଛି। ସଂଘ ସଭାପତି ଏସ. କାମେଶ୍ୱର ରେଡ୍ଡୀ, ଉପସଭାପତି ଅମିତ ପଟ୍ଟନାୟକ, ସଂପାଦକ ପ୍ରଶାନ୍ତ ସାମଲ, ସହ ସମ୍ପାଦକ ଅରବିନ୍ଦ ବେହେରାଙ୍କ ସମେତ ଜିଲାର ୨୫ ପ୍ରାଣୀ ଚିକିତ୍ସକ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ଶେଷ ଦିନରେ ୩ ପ୍ରାର୍ଥୀପତ୍ର ଦାଖଲ

ବ୍ରହ୍ମପୁର ଅଫିସ,୨୫।୧୧

**ଗଞ୍ଜାମ ଓକିଲ ସଂଘ ନିର୍ବାଚନ**

ଗଞ୍ଜାମ ଓକିଲ ସଂଘ ନିର୍ବାଚନରେ ବିଭିନ୍ନ ପଦ ପଦବୀ ପାଇଁ ମଙ୍ଗଳବାରଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ବୁଧବାର ଶେଷ ଦିନରେ କେବଳ ୩ ଜଣ ଆଇନଜୀବୀ ନାମାଙ୍କନ ଦାଖଲ କରିଛନ୍ତି। ସମ୍ପାଦକ ପଦ ପାଇଁ ରାମକୃଷ୍ଣ ମହାରଣା, ଉପସଭାପତି ଶରତ କୁମାର ପାଢୀ ଓ ଯୁଗ୍ମ ସମ୍ପାଦକ ଭାବେ ଶ୍ରୀଧର ସାହୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଚଳିତବର୍ଷ ଉପସଭାପତି ପଦ ପାଇଁ ୩ ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ସଭାପତି ପାଇଁ ୨, ସମ୍ପାଦକ ୨ ଓ ଯୁଗ୍ମ ସମ୍ପାଦକ ପଦ ପାଇଁ ୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୨୪ ଓ ୨୫ ତାରିଖଦୁଇ ଦିନରେ ମୋଟ ୧୦ ପ୍ରାର୍ଥୀ ବିଭିନ୍ନ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ୨୬ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ୨୮ ରେ ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସେହିଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଡିସେମ୍ବର ୧୨ ସକାଳ ୮ଟାରୁ ଅପରାହ୍ନ ୪ଟା ଯାଏ ଭୋଟ ଗ୍ରହଣ କରାଯିବ। ଅପରାହ୍ନ ୫ଟା ପରେ ଭୋଟ ଗଣତି ଆରମ୍ଭ ହୋଇ ରାତ୍ର ୧୦ ସୁଦ୍ଧା ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ମହାପାତ୍ର କହିଛନ୍ତି।




## ଆର୍ମି ଏ.ଡ଼ି. କଲେଜ୍‌ରେ ଦୋକାନ ଘର ଠିକା ସୂତ୍ରରେ ଦିଆଯିବ

୧. ଗୋପାଳପୁର ମିଲିଟାରୀ ଷ୍ଟେସନ୍ (ଓଡ଼ିଶା) ସ୍ଥିତ ରେଜିମେଣ୍ଟାଲ୍ ଦୋକାନ ପରିସରରେ ନିମ୍ନଲିଖିତ ଦୋକାନ ଘରକୁ ଠିକା ସୂତ୍ରରେ ଏକବର୍ଷ : ୧ ଜାନୁୟାରୀ ୨୦୨୧ ଠାରୁ ୩୧ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଦିଆଯିବ। ଏହି ଚୁକ୍ତିନାମା ସମସ୍ତ ଏକ୍ସ ସର୍ଭିସ୍‌ମେନ୍ ମାନଙ୍କ ପାଇଁ ଖୋଲା ଅଛି ।

| କ୍ର. ନଂ. | ଦୋକାନର ନାମ | ବିକ୍ରି ପାଇଁ ଥିବା ସାମଗ୍ରୀ |
|---|---|---|
| କ) | ଗ୍ରୋସେରୀ ସପ୍ | ଗ୍ରୋସେରି ଆଇଟମ୍, ହାର୍ଡ଼ୱେର୍ ସାମଗ୍ରୀ ଏବଂ ଉପହାର ସାମଗ୍ରୀ । |
| ଖ) | ମିଠା ଦୋକାନ | ସ୍ନାକ୍ସ, ମିଠା, ହଟ୍ ଆଣ୍ଡ୍ କୋଲ୍ଡ ବେଭେରେଜ୍ । |
| ଗ) | ଜୋତା ଦୋକାନ | ସମସ୍ତ ପ୍ରକାର ଲେଦର୍ ଆଇଟମ୍, ସୁ / ସ୍ଲିପର୍ / ସେଣ୍ଡଲ୍, ସ୍ପୋର୍ଟସ୍ ଆସେସରି । |
| ଘ) | ଫାଷ୍ଟ ଫୁଡ୍ ଦୋକାନ | ସମସ୍ତ ପ୍ରକାର ଫାଷ୍ଟ ଫୁଡ୍ ଉପଲବ୍ଧ । |
| ଙ) | ଭଣ୍ଡାରି ଦୋକାନ | ହେୟାର୍ କଟିଙ୍ଗ୍, ହେୟାର ଡାଇଙ୍ଗ୍, ହେଡ ମେସେଜ୍, ଫେସିଏଲ୍ । |
| ଚ) | ଲୁଗା ସହ ଟେଲର୍ ଦୋକାନ | ରେଡ଼ିମେଡ୍ ଗାର୍ମେଣ୍ଟସ୍ ଡିଜାଇନେର୍ ଆଉଟ୍‌ଫିଟ୍, ସିଲାଇ ଓ ଡ୍ରାଇ କ୍ଲିନିଙ୍ଗ୍ ଉପଲବ୍ଧ । |
| ଛ) | ଷ୍ଟେସନାରୀ ଦୋକାନ | ବହି, ଷ୍ଟେସନାରୀ ଏବଂ ପିରିୟଡିକାଲ୍‌ସ୍ ଉପଲବ୍ଧ |
| ଜ) | ପାନ ଦୋକାନ/ଫଳ ଜୁସ୍ ଦୋକାନ | ପାନ୍, ଫଳ ରସ, ଶୁଖିଲା ଫଳ ଏବଂ ଚକ୍‌ଲେଟ୍ ଆଇଟମ୍ ଉପଲବ୍ଧ । |
| ଝ) | ଚିଲ୍ ଏଣ୍ଡ୍ ଗ୍ରିଲ୍ସ ଦୋକାନ | ଆମିଷ ଓ ନିରାମିଷ ସାମଗ୍ରୀ ଏବଂ ଓମ୍‌ଫେଡ୍ ଦୁଗ୍ଧ ଓ ଓମ୍‌ଫେଡ୍ ଦୁଗ୍ଧଜାତ ଦ୍ରବ୍ୟ । |
| ଞ) | ମୋବାଇଲ୍ ଓ ମରାମତି ଦୋକାନ | ହିନ୍ଦି ଟାଇପିଙ୍ଗ୍, କମ୍ପ୍ୟୁଟର୍ ପେରିଫେରାଲ୍ ଏବଂ ମୋବାଇଲ୍ ସାମଗ୍ରୀ ମରାମତି । |
| ଟ) | ସାଇକେଲ୍ ମରାମତି ଦୋକାନ | ସାଇକେଲ୍ ମରାମତି, ସାଇକେଲ୍ ଭଡ଼ାର ସୁବିଧା । |
| ଠ) | ମୋଟର ସାଇକେଲ୍ ମରାମତି ଦୋକାନ | ଦୁଇ ଚକିଆ / ମୋଟର ସାଇକେଲ୍‌ର ସର୍ଭିସିଂ ଏବଂ ରିପେର୍, ଦୁଇ ଚକିଆ ଗାଡ଼ିର ସ୍ପେର୍ ପାର୍ଟସ୍ ଏବଂ ଆସେସରି ବିକ୍ରି, ଗ୍ୟାସ୍ ଷ୍ଟୋଭ୍ / ବର୍ଣ୍ଣର |
| ଡ଼) | ଉପହାର ଦୋକାନ | କ୍ରାଫ୍ଟିଂ/ଡିଜାଇନିଙ୍ଗ୍ ମେଟେରିଆଲ୍ ଓ ଉପହାର ଏବଂ ଖେଳନା ସାମଗ୍ରୀ ବିକ୍ରୟ । |
| ଢ଼) | ସନ୍ତୁଷ୍ଟି ରେଷ୍ଟୁରାଂଟ | ଆମିଷ / ନିରାମିଷ ମିଲ୍ସ ଏବଂ ସ୍ନାକ୍ସ । |
| ଣ) | ଜୋତା ମରାମତି ଦୋକାନ | ସୁ, ବେଗ୍, ସ୍ଲିପର୍ ରିପେର୍ । |
| ତ) | ଆର୍ମି ଷ୍ଟୋର୍ ଦୋକାନ | ସମସ୍ତ ପ୍ରକାର ଲୁଗା, ମିଲିଟାରୀ ଷ୍ଟୋର୍ସ, ଆର୍ମି ୟୁନିଫର୍ମ, ଆର୍ମି ସାମଗ୍ରୀ, ସ୍କୁଲ୍ ଡ୍ରେସେସ୍ ଏବଂ ଦର୍ଜି ସିଲେଇ |
| ଥ) | ଫୋଟ ଷ୍ଟୁଡିଓ ଦୋକାନ / ଜେରେକ୍ସ | ସମସ୍ତ ପ୍ରକାର ଫୋଟ କପି, କଲର୍ ଏବଂ କଳାଧଳା, ଜେରେକ୍ସ, କଲର୍ ପ୍ରିଂଟ୍ ଆଉଟ୍, ଫୋଟଗ୍ରାଫିକ୍, ଷ୍ଟିକରିଙ୍ଗ୍ ଏବଂ ନମ୍ବର ପ୍ଲେଟ୍ ଓ ରବର୍ ଷ୍ଟାମ୍ପ । |
| ଦ) | ମାଂସ ଦୋକାନ | ଚିକେନ୍, ମଟନ୍, ମାଛ, ଚିଙ୍ଗୁଡ଼ି ଓ ଅଣ୍ଡା ଉପଲବ୍ଧ । |
| ଧ) | ଆଇସ୍କ୍ରିମ୍ ଓ ମିଲ୍କ ପ୍ରୋଡାକ୍ଟ ଦୋକାନ | ଓମ୍‌ଫେଡ୍ ବ୍ୟତିତ ଅନ୍ୟ ସମସ୍ତ ପ୍ରକାର ଦୁଗ୍ଧଜାତ ଦ୍ରବ୍ୟ ଉପଲବ୍ଧ । |
| ନ) | ପରିବା ଦୋକାନ | ପନିପରିବା ଏବଂ ଫଳ ଉପଲବ୍ଧ । |
| ପ) | ଫୁଡ୍ କୋର୍ଟ | ଜଳଖିଆ, ଦିବା ଭୋଜନ, ରାତ୍ର ଭୋଜନ ଓ ସ୍ନାକ୍ସ (ଆମିଷ ଓ ନିରାମିଷ) ଏବଂ ଗୃହ ବିତରଣ ସେବା ଉପଲବ୍ଧ । |
| ଫ) | ଆର୍ ଓ ପ୍ଲାଣ୍ଟ | ଗୃହ ବିତରଣ ସହିତ ଆର୍.ଓ. ପାଣିର ସୁବିଧା । |
| ବ) | ଇଲେକ୍‌ଟ୍ରୋନିକ୍ସ ଷ୍ଟୋର୍ | ସାମସଙ୍ଗ୍ ଏବଂ ଏଚ୍‌ପି ଇଲେକ୍ଟ୍ରନିକ୍ସ ସାମଗ୍ରୀ ଓ ଲେପ୍‌ଟପ୍ |

୨. ଉପରୋକ୍ତ ଦୋକାନ ପାଇଁ ଆଗ୍ରହୀ ବ୍ୟକ୍ତି ଏକ ଦରଖାସ୍ତ *Colonel A, Army Air Defence College, Pin 928992, C/o 99 APO* କୁ ୩୦ ନଭେମ୍ବର ୨୦୨୦ ସୁଦ୍ଧା ପଠାଇବେ ।

କୋଲନେଲ୍ ଏ, ହେଡ୍‌କ୍ୱାଟର୍ସ ଆର୍ମି ଏୟାର୍ ଡିଫେନ୍ସ କଲେଜ୍, ପିନ- ୯୨୮୯୯୨, ମାର୍ଫତ - ୯୯ଏପିଓ

## ସଂକ୍ଷେପରେ

### ଜାତୀୟ ରାଜପଥରେ ଦୁର୍ଘଟଣା
## ଫେରାର ଟ୍ରକ୍ ଡ୍ରାଇଭର କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୨୫।୧୧-ଜାତୀୟ ରାଜପଥ -୧୬ରେ ଜଣେ ସାଇକେଲ ଚାଳକଙ୍କୁ ଧକ୍କା ଦେଇ ଫେରାର ଥିବା ଟ୍ରକ୍ ଡ୍ରାଇଭରଙ୍କୁ ଟ୍ରାଫିକ ଥାନା ପୋଲିସ ବୁଧବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କର୍ନାଟକ କାନକାପୁର ଅଞ୍ଚଳର ମାଲେୟା (୩୯) ବୋଲି ପୋଲିସ ସୂଚନା ଦେଇଛି। ମାମଲା ନମ୍ବର ୩୭/୨୦ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ଗୁରୁତର ଆହତ ସନ୍ନ୍ୟାସୀ ଏବେ ଏମ୍‌କେସିଜି ମେଡିକାଲରୁ ସ୍ଥାନାନ୍ତର ହୋଇ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ, ମଙ୍ଗଳବାର ଭୋର ୫ଟାରେ ଆଙ୍ଗୁଲି କୁମାର ସାହିର ସନ୍ନ୍ୟାସୀ ସାହୁ ସାଇକେଲରେ ହଳଦିଆପଦର ପରିବା ବଜାରକୁ ଯାଉଥିଲେ। ପଶ୍ଚିମବଙ୍ଗରୁ ଲୁହାରଡ୍ ବୋଝେଇ ହୋଇ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଏକ ଟ୍ରକ (ନଂ. ଟିଏସ ୩୦ ଟି ୬୬୫୯) ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍‌ରେ ସନ୍ନ୍ୟାସୀଙ୍କ ସାଇକେଲକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସନ୍ନ୍ୟାସୀ ପଡି ଗୁରୁତର ଆହତ ହୋଇଥିଲେ ବୋଲି ପୋଲିସ କହିଛି।

### ବାଇକ୍ ଚାଳକଙ୍କ ମୃତ୍ୟୁ ମାମଲା
## ଅଟୋ ଚାଳକଙ୍କୁ କୋର୍ଟ ଚାଲାଣ

ଦିଗପହଣ୍ଡି,୨୫।୧୧(ଡି.ଏନ୍.ଏ.)- ଦିଗପହଣ୍ଡି ପୋଲିସ ବୁଧବାର କେ. ନୂଆଗାଁ ଥାନା ଲାଲ ମେଣ୍ଢା ଲକ୍ଷ୍ମୀନାରାୟଣପୁର ଗ୍ରାମର ଅଟୋ ଚାଳକ ଏଲ. ପାଣ୍ଡାଙ୍କୁ କୋର୍ଟ ଚାଲାଣ କରିଛି। ଦିଗପହଣ୍ଡି - ଚିକିଟି ମୁଖ୍ୟରାସ୍ତାର ପଦ୍ମନାଭପୁର ଗ୍ରାମ ଉଦ୍ଧଲେଶ୍ୱର ରାଇସ ମିଲ ନିକଟରେ ରବିବାର ମଧ୍ୟାହ୍ନରେ ଏକ ଡାଲାଅଟୋ ଧକ୍କାରେ କଇଠଡା ଗ୍ରାମର ବାଇକ୍ ଚାଳକ ଏସ. ଧର୍ମେନ୍ଦ୍ର ରେଡ୍ଡୀଙ୍କ ମୃତ୍ୟୁ ଘଟିଥିଲା। ବାଇକ ପଛରେ ବସିଥିବା ତାଙ୍କ ସମ୍ପର୍କୀୟ କୁନ୍ଦନ ରେଡ୍ଡୀ ଗୁରୁତର ହୋଇଥିଲେ। ଏନେଇ ଧର୍ମେନ୍ଦ୍ରଙ୍କ ବାପା ଏସ. ବାରିକଙ୍କ ଏତଲା କ୍ରମେ ଦିଗପହଣ୍ଡି ପୋଲିସ ନଂ. ୨୭୯/୨୦ରେ ମାମଲା ରୁଜୁ କରିଥିଲା। ଅଟୋ ଚାଳକଙ୍କୁ ଗ୍ରାମବାସୀ ଅଟକ ରଖି ପୋଲିସ ଜିମା ଦେଇଥିଲେ।

## ନୂତନ ବିଇଓଙ୍କ ଯୋଗଦାନ



ଦାରିଙ୍ଗବାଡ଼ି,୨୫।୧୧ (ଡି.ଏନ.ଏ)- ଦାରିଙ୍ଗବାଡ଼ି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଭାବେ ରସାନନ୍ଦ କର ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ତାଙ୍କୁ ଜିଲାପରିଷଦ ଶିକ୍ଷକ ସଂଘର ସଭାପତି କୈଳାଶ ପ୍ରଧାନ, ଉପସଭାପତି ଉତ୍କଳ କେଶରୀ ବିବାର, ସାଧାରଣ ସମ୍ପାଦକ ରମେଶ ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁଙ୍କ ସମେତ ଦାରିଙ୍ଗବାଡ଼ି ଶିକ୍ଷକ କଲ୍ୟାଣ ସଂଘର ସଭାପତି ଯାମିନୀ ପତ୍ରା, ସାଧାରଣ ସମ୍ପାଦକ ବିଦେଶୀ ନାୟକ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ସଂଘ ପକ୍ଷରୁ ବିଇଓ କରଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରି ସମାଧାନ ପାଇଁ ଜଣାଇଥିଲେ। ବିଇଓ ନୂତନଭାବେ କାର୍ଯ୍ୟରେ ଯୋଗ ଦେବାପରେ ପ୍ରଥମେ ୨୫ ପଞ୍ଚାୟତର ସିଆରସିସିଙ୍କୁ ନେଇ ଏକ ରିଭ୍ୟୁ ମିଟିଂ କରିଥିଲେ। ପ୍ରକାଶ ଯେ, ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ଅନ୍ୟତ୍ର ବଦଳି ପରେ ବୁଗୁଡ଼ାରେ କାର୍ଯ୍ୟରତ ବିଇଓ ରସାନନ୍ଦ କରଙ୍କୁ ଦାରିଙ୍ଗବାଡ଼ିରେ ନିଯୁକ୍ତି ମିଳିଛି।

## ଜଗନ୍ନାଥ ମନ୍ଦିରରେ ଉଠିଲା ଏକାଦଶୀ ମହାଦୀପ

ଶେରଗଡ,୨୫।୧୧(ଡି.ଏନ୍.ଏ.)- ଶେରଗଡ ଜଗନ୍ନାଥ ମନ୍ଦିରଉପରେ ବୁଧବାର ସନ୍ଧ୍ୟାରେ ମହାଦୀପ ଉଠାଯାଇଛି। କାର୍ତ୍ତିକ କୃଷ୍ଣ ଏକାଦଶୀ ଅବସରରେ ଏହି ମହାଦୀପ ଉଠିଛି। ପୂଜକ ହରିହର ଦାଶ ଏହି ମହାଦୀପ ଜଗନ୍ନାଥ ମନ୍ଦିର ଉପରକୁ ସନ୍ଧ୍ୟାରେ ଉଠାଇବା ସହ ଶେରଗଡ ଗ୍ରାମବାସୀ ଓ ରାଜପରିବାରର ମଙ୍ଗଳ କାମନା କରି ଅବସ୍ଥାପିତ କରିଛନ୍ତି। ପ୍ରତିବର୍ଷ କାର୍ତ୍ତିକ କୃଷ୍ଣ ଏକାଦଶୀ ତିଥିରେ ଏହି ମହାଦୀପ ଗ୍ରାମବାସୀ ଓ ଭକ୍ତମାନଙ୍କ ଉପସ୍ଥିତିରେ ଉଠାଯିବା ବ୍ୟବସ୍ଥା ରହିଛି ବୋଲି ରାଜା ସାହେବ ପୂର୍ଣ୍ଣ ଚନ୍ଦ୍ର ସିଂଦେଓ କହିଛନ୍ତି।

# ୱାର୍ଡସ୍ତରରେ ସମସ୍ୟା ବୁଝୁଛି ପ୍ରଶାସନ

ଛତ୍ରପୁର/ହିଞ୍ଜିଳିକାଟୁ, ୨୫।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲାର ସମସ୍ତ ସହରାଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ମଙ୍ଗଳବାରଠାରୁ ମୋ ୱାର୍ଡ ଅଭିଯାନ ଆରମ୍ଭ ହୋଇଛି। ସହରାଞ୍ଚଳ କର୍ତ୍ତୃପକ୍ଷ ଓ କର୍ମଚାରୀ ୱାର୍ଡରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ପରେ ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି। ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଏହାର ମନିଟରିଂ କରୁଛି। ଅଭିଯାନରେ ମୁଖ୍ୟତଃ ଜନସାଧାରଣଙ୍କୁ ସାମିଲ କରି ସମସ୍ୟା ଦୂର କରିବା ଓ ଯେଭଳି ସ୍ୱଚ୍ଛତା ରହିପାରିବ, ଏହାର ମୂଳ ଲକ୍ଷ୍ୟ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଜିଲାର ସମସ୍ତ ସହରାଞ୍ଚଳର ୱାର୍ଡଗୁଡିକରେ ୱାର୍ଡ ଉନ୍ନୟନ କମିଟି ଓ ସାହି କମିଟିକୁ ନେଇ ଏନ୍‌ଏସି ଓ ମ୍ୟୁନିସିପାଲିଟି ଅଧିକାରୀ ଏବଂ କର୍ମଚାରୀ ବୈଠକ କରୁଛନ୍ତି। ଏଥିରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ସ୍ୱଚ୍ଛସାଥୀ, ମହିଳା ସଂଘ ସଦସ୍ୟା, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ବ୍ୟବସାୟୀ ସଂଘର କର୍ମକର୍ତ୍ତା, ପୂର୍ବତନ କାଉନସିଲର, ୱାର୍ଡ ଅଫିସର ପ୍ରମୁଖ ସାମିଲ ହେଉଛନ୍ତି। ଜିଲାର ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଏବଂ ୧୬ ଏନ୍‌ଏସିରେ ଏହି କାର୍ଯ୍ୟକ୍ରମ ଚାଲିଛି। ସ୍ୱଚ୍ଛତାରେ ଭଲ ପ୍ରଦର୍ଶନ କରୁଥିବା ୱାର୍ଡଗୁଡ଼ିକର ବିକାଶକୁ ପ୍ରାଧାନ୍ୟ ଦିଆଯିବା ସହ ସ୍ୱଚ୍ଛତା ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯିବ। ମଙ୍ଗଳବାର ହିଞ୍ଜିଳିକାଟୁ ନେତାଜୀ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କୁଲାଙ୍ଗେ ଓ ବୁଧବାର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ ଯୋଗଦେଇଥିଲେ।

ୱାର୍ଡର ପରିମଳ, ପାନୀୟ ଜଳ, ଷ୍ଟ୍ରିଟ୍ ଲାଇଟ୍ ଓ ବିଭିନ୍ନ ଭିତ୍ତିଭୂମି ସୁଦୃଢ ଉପରେ ଉକ୍ତ ବୈଠକରେ ଆଲୋଚନା କରାଯାଉଛି। ଏହି ସବୁ କାର୍ଯ୍ୟରେ ଲୋକଙ୍କୁ ସାମିଲ କରି ସମସ୍ୟା ଗୁଡିକର ସମାଧାନ ସହ ସ୍ୱଚ୍ଛ ୱାର୍ଡ ଗଠନ ପାଇଁ ଉଦ୍ୟମ ଚାଲିଛି। ବୁଧବାର ଛତ୍ରପୁର



ଛତ୍ରପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

### ସହରାଞ୍ଚଳରେ ମୋ ୱାର୍ଡ ଅଭିଯାନ

ଏନଏସିର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍‌ସ୍ତରୀୟ କମିଟି ଓ ୱାର୍ଡ ସ୍ତରୀୟ କମିଟି ସହ ଏନଏସି କର୍ତ୍ତୃପକ୍ଷ ବୈଠକ କରି ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଥିବା ଏନଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁ କହିଛନ୍ତି। ଉକ୍ତ ବୈଠକରେ ଏନଏସି ନିର୍ବାହୀ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ ଗୌରହରି ପଣ୍ଡା, ମନୋରଞ୍ଜନ ପାଣିଗ୍ରାହୀ, ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତି, ୱାର୍ଡ ଅଫିସର ସମିଲତା ପ୍ରଧାନ, ମହିଳା ସଂଘର ଟି. ସରସ୍ୱତୀ, ଟି. ସୁନୀତା ସାହୁ, ନୀଳବଣି ସାହୁ, ସମ୍ପାଦିକା ସାବିତ୍ରୀ ଦାସ, ବିରଂଚି ନାରାୟଣ ବେହେରା, ନରହରି ସ୍ୱାଇଁ, ମନିଟର ଆଶିଷ କୁମାର ପଣ୍ଡା, ଦିଲୀପ କୁମାର ନାୟକ, ଏସ୍. ଏନ୍. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ଏନ୍‌ଏସିରେ ଥିବା ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ସମ୍ପର୍କରେ ଜଣାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ୭ ମହିଳାଙ୍କ ସମେତ ୨୧ କୋର୍ଟ ଚାଲାଣ

ଗୋପାଳପୁର,୨୫।୧୧

ଦୁଇ ଗୋଷ୍ଠୀ ମଧ୍ୟରେ ଟେକାପଥର ମାଡ଼ ମାରିବା ଅଭିଯୋଗରେ ବୁଧବାର ପୋଲିସ ୭ ମହିଳାଙ୍କ ସମେତ ୨୧ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ୨୦୨,୨୦୩/୨୦ରେ ଦୁଇଟି ମାମଲା ରୁଜୁ ହୋଇଛି। ଗିରଫମାନେ ହେଲେ କାହ୍ନୁ ଦାସ, ମନୋଜ ଦାସ, ଅର୍ଜୁନ ଦାସ, ମଙ୍ଗୁଲୁ ଦାସ, କ୍ରିଷ୍ଣା ଦାସ, ଜାଗିଲି ଦାସ, ଶିବ ଦାସ, ସନ୍ତୋଷ ଦାସ, ତ୍ରିପତି ଦାସ, ଝୁମୁରି ଦାସ, ସଞ୍ଜୁ ଦାସ, ସବିତା ଦାସ, ସୁଦକ୍ଷା ଦାସ, ଆରତି ଦାସ, ଭାରତି ଦାସ, ଅମ୍ବିକା ଦାସ ଓ ଅନ୍ୟ ଗୋଷ୍ଠୀର ବୁଲୁ ଦାସ, କୈଳାସ ଦାସ, ଶ୍ରୀକାନ୍ତ ଦାସ, ଚନ୍ଦନ ଦାସ, ଦିଲ୍ଲୀ ଦାସ।

ପ୍ରକାଶ ଯେ, ଗୋପାଳପୁର ଥାନା ଆମ୍ବପୁଆଡ଼ସ୍ଥିତ କାଳୀ ମନ୍ଦିର ଆୟ ଟଙ୍କା ଓ ପରିଚାଳନାକୁ ନେଇ ଗ୍ରାମ ଦଳିତ ସାହିର ଦୁଇ ଗୋଷ୍ଠୀ ମଧ୍ୟରେ ଗତ ଦୁଇ ବର୍ଷ ହେଲା ବାଦବିବାଦ ଲାଗି ରହିଥିଲା। ସୋମବାର ରାତି ପ୍ରାୟ ୧୦ଟାରେ କୌଣସି କଥାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଓ ପରେ ଟେକା ପଥର ମାଡ ମାରିବା ସହ ଘର ଉପକୁ ଫିଙ୍ଗି ଥିଲେ। ଖବର ପାଇ ଗୋପାଳପୁର ପୋଲିସ ସଦଳବଳ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ମଙ୍ଗଳବାର ଉଭୟ ମାମଲାରେ କିଛି ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚାଲିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ମାମଲା

# ଜିଲାପାଳଙ୍କ ଉନ୍ନୟମୂଳକ କାର୍ଯ୍ୟ ସମୀକ୍ଷା

ଆର.ଉଦୟଗିରି,୨୫।୧୧(ଡି.ଏନ.ଏ.)

ଗଜପତି ଜିଲାପାଳ ଅନୁପମ ସାହା ମଙ୍ଗଳବାର ନୂଆଗଡ଼ ବ୍ଲକକୁ ଦିନିକିଆ ଗସ୍ତରେ ଯାଇଥିଲେ। ସେଠାରେ ପହଞ୍ଚି ବ୍ଲକ ପରିସରରେ ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମାଣ ହୋଇଥିବା କମ୍ୟୁନିଟି ଶୌଚାଳୟ ଗୃହ ଉଦ୍‌ଘାଟନ କରିଥିଲେ। ଏହାପରେ ବ୍ଲକ ସଭାଗୃହରେ ବିଭିନ୍ନ ଉନ୍ନତିମୂଳକ କାମର ସମୀକ୍ଷା କରିବା ସହ ନୂଆଗଡ଼ ଗ୍ରାମର କଲ୍ୟାଣ ମଣ୍ଡପ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଗ୍ରାମର ପ୍ରାଣୀ ଡାକ୍ତରଖାନା ନିକଟରେ ନିର୍ମାଣ ହୋଇଥିବା ଡ୍ରେନ୍ କାମ ଜିଲାପାଳ ପରିଦର୍ଶନ କରିଥିଲେ। ତାଙ୍କ ସହ ବିଡିଓ ଲାବନେନ୍ଦୁ ମାହାନ୍ତି, ବ୍ଲକ ଅଧକ୍ଷା ଗୁଡୁବାଇ ମଣ୍ଡଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ପି ଏସ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ମୀନ ମଣ୍ଡଳ ଓ ସମସ୍ତ କନିଷ୍ଠ ଯନ୍ତ୍ରୀ ଏବଂ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜସ୍ୱ ସମୀକ୍ଷା କଲେ ଉପଜିଲାପାଳ

ବୁଗୁଡ଼ା,୨୫।୧୧(ଡି.ଏନ.ଏ.)

ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ବୁଧବାର ବୁଗୁଡ଼ା ଗସ୍ତରେ ଆସି ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଉପଜିଲାପାଳ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ସହ ଆଲୋଚନା କରି ସବୁ ବିଷୟ ବୁଝିଥିଲେ। ସେ ବାର୍ଷିକ ରାଜସ୍ୱ ଆୟବ୍ୟୟର ସମୀକ୍ଷା କରି ତହସିଲ କାର୍ଯ୍ୟାଳୟରେ ଉତ୍ତମ ସେବା ଯୋଗାଇବା ସହ ଉତ୍ତମ ଆଚରଣ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏତତ୍‌ବ୍ୟତୀତ ସମସ୍ତ ସର୍କଲର ରାଜସ୍ୱ ନିରୀକ୍ଷକ ମାନଙ୍କୁ ସୂଚାରୁ ରୂପେ ଦାୟିତ୍ୱ ସମ୍ପନ୍ନ କରିବା ସହ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ବୁଗୁଡ଼ା, ମୋଟାବାଡି, ବାଲିପଦର, ବି.କରଡ଼ାବାଡ଼ି ରାଜସ୍ୱ ନିରୀକ୍ଷକଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ରାସ୍ତା ପାଇଁ ଜମି ଦାନକଲେ ବାଲେଶ୍ୱର

ଖଜୁରିପଡ଼ା/ବଲସକୁମ୍ପା, ୨୫।୧୧(ଡି.ଏନ.ଏ.)

ଜମି ସମସ୍ୟା ଯୋଗୁ ଦୀର୍ଘ ୭୩ ବର୍ଷ ହେବ ଗୁମି ଗାଁକୁ ରାସ୍ତା ନିର୍ମାଣ ହୋଇପାରୁ ନ ଥିଲା। କାରଣ ଉକ୍ତ ରାସ୍ତା ଯାଉଥିବା ଜାଗା ଜଣେ ବ୍ୟକ୍ତିଙ୍କ ପଟ୍ଟା ଜାଗା ହୋଇଥିବାରୁ ନିର୍ମାଣରେ ବାଧା ଉପୁଜିଥିଲା। ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜ ଜାଗା ଦାନ ପରେ ଏହି ସମସ୍ୟା ସମାଧାନ ହୋଇଛି। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ପିରିକୁଡ଼ି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଗୁମି ଗ୍ରାମରେ।

ଦାତପାଙ୍କୁଠାରୁ ଗୁମି ଗ୍ରାମ ପ୍ରାୟ ୩ କିମି ହେବ। ଏହି ଗ୍ରାମକୁ ରାସ୍ତା ନିର୍ମାଣ କରିବା ପାଇଁ ବହୁବାର ଚେଷ୍ଟା କରିଥିଲେ ମଧ୍ୟ ଜମି ସମସ୍ୟା ଯୋଗୁ ରାସ୍ତା ନିର୍ମାଣ ହୋଇପାରୁ ନ ଥିଲା। କିଛି ଦିନ ତଳେ ବିଧାୟକ ଅଙ୍ଗଦ କହଁର, ବିଡିଓ ରବୀନ୍ଦ୍ର ନାଥ କହଁର, ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର୍ କହଁର ପ୍ରମୁଖ ଗୁମି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହିତ ଏକ ବୈଠକ କରିଥିଲେ। ଏଥିରେ ରାସ୍ତା ସମସ୍ୟା ଉପରେ ଆଲୋଚନା ହୋଇଥିଲା ଏବଂ ଉକ୍ତ ରାସ୍ତା ଯାଉଥିବା ଜମି ବାଲେଶ୍ୱର ମଲ୍ଲିକଙ୍କ ନାଁରେ ଥିବାରୁ ତାଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ବାଲେଶ୍ୱର ଲୋକଙ୍କ ହିତ ସାଧନ ନିମନ୍ତେ ନିଜ ଜମିକୁ ରାସ୍ତା ନିର୍ମାଣ କରିବା ପାଇଁ ସରକାରଙ୍କୁ ଦାନ କରିଥିଲେ। ବାଲେଶ୍ୱରଙ୍କ ଏହି ମହାନ୍ କାର୍ଯ୍ୟପ୍ରତି ବ୍ଲକ ପ୍ରଶାସନ ଖୁସି ହୋଇ ବୁଧବାର ବ୍ଲକର ବିଡିଓ, ଜିଲା ପରିଷଦ ସଭ୍ୟା ଅନୁରାଧା ସାହୁ ଏବଂ ବ୍ଲକ ଅଧକ୍ଷ ଗୁମି ଗ୍ରାମକୁ ଯାଇ ବାଲେଶ୍ୱର କହଁରଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ପ୍ରଶାସନ ପ୍ରଚେଷ୍ଟା ଏବଂ ବାଲେଶ୍ୱର ମଲ୍ଲିକଙ୍କ ଜମି ଦାନ ଯୋଗୁ ସ୍ୱାଧୀନତାର ଦୀର୍ଘ ୭୩ ବର୍ଷ ପରେ ଏବେ ଗୁମି ଗ୍ରାମକୁ ରାସ୍ତା ନିର୍ମାଣ ହୋଇପାରିବ।



ଜମି ଦାନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ୭୩ ବର୍ଷ ପରେ ଗୁମି ଗାଁକୁ ତିଆରି ହେବ ରାସ୍ତା

## କାଠ ବୋଝେଇ ଅଟୋ ଜବତ: ବାପ, ପୁଅ ଗଲେ ଜେଲ

ଦିଗପହଣ୍ଡି,୨୫।୧୧(ଡି.ଏନ.ଏ.)

ବେଆଇନ କାଠ ଚାଲାଣ ଅଭିଯୋଗରେ ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗାଁର ଅଟୋ ଚାଳକ ପ୍ରଶାନ୍ତ ସାହୁ ଏବଂ ତାଙ୍କ ବାପା ଗଦା ସାହୁଙ୍କୁ ସ୍ଥାନୀୟ ବନବିଭାଗ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ମଙ୍ଗଳବାର ରାତି ପ୍ରାୟ ୮ ଟାରେ ବନ କର୍ମଚାରୀମାନେ ଭ୍ରମରପୁର – ଚାନ୍ଦପୁର ମୁଖ୍ୟରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଦ୍ରୁତଗତିରେ ଯାଉଥିବା ଏକ ଅଟୋ( ନଂ. ଓ ୦୭ ଡି- ୩୮୫୨)କୁ ସନ୍ଦେହରେ ଅଟକାଇ ଖାନ ତଲାସ କରିଥିଲେ। ସେଥିରେ ଥିବା ୨୪ଟି ଜାମ କାଠପଟା ଜବତ କରାଯାଇଛି। ବନପାଳ ତରୁଣେଶ୍ୱର ଶବରଙ୍କ ଏତଲାକ୍ରମେ ଦିଗପହଣ୍ଡି ବିଭାଗ ନଂ. ୩୮୨/ ୨୦– ୨୧ ଅନୁଯାୟୀ ମାମଲା ରୁଜୁ କରିଛି।

## ଯୌତୁକ ନିର୍ଯାତନା ଅଭିଯୋଗ

ବୁଗୁଡ଼ା,୨୫।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ନିମପଦର ନିକଟସ୍ଥ ଟିକରପଡ଼ା ଗ୍ରାମରେ ବାଇକ୍‌ଟିଏ ପାଇଁ ସ୍ତ୍ରୀକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ନେଇ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏନେଇ ବୁଗୁଡ଼ା ପୋଲିସ ନଂ. ୩୫୫/୨୦ରେ ମାମାଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ୨୦୧୯ରେ ଟିକରପଡ଼ାର ଜଣେ ଯୁବକ କନ୍ଧଚନ୍ଦନପେଢି ଗ୍ରାମରେ ରଞ୍ଜିତ ନାୟକଙ୍କ ଝିଅ ପୁଷ୍ପିତାଙ୍କୁ ବିବାହ କରିଥିଲେ। ସେତେବେଳେ ବାପଘର ପକ୍ଷରୁ ଶାଶୁଘରକୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଯୌତୁକ ଆକାରରେ ବାଇକ୍ ନ ଆଣିବାରୁ ସ୍ୱାମୀ ସ୍ତ୍ରୀଙ୍କୁ ସବୁବେଳେ ମାରପିଟ୍ କରୁଥିଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ସ୍ତ୍ରୀ ତାଙ୍କ ବାପା ଘରକୁ ଚାଲିଯାଇଥିଲେ। ଗାଁରେ ଦୀର୍ଘ ୧୧ ମାସ ରହିବା ପରେ ଶାଶୁଘର ପକ୍ଷରୁ କୌଣସି ନ୍ୟାୟ ନ ମିଳିବାରୁ ସେ ବାଧହୋଇ ଥାନାର ଆଶ୍ରୟ ନେଇଥିଲେ।

# ତୃତୀୟ ଥର ପ୍ଲାଜ୍‌ମା ଦାନକଲେ ସିପାହି





କେ. ଯୁଧିଷ୍ଠିର ରାଓ ପ୍ଲାଜମା ଦାନ କରୁଛନ୍ତି।

ଛତ୍ରପୁର,୨୫।୧୧(ଡି.ଏନ.ଏ.)

ଛତ୍ରପୁର ଅଷ୍ଟମ ବାଟାଲିୟନର ସିପାହି କେ. ଯୁଧିଷ୍ଠିର ରାଓ ତୃତୀୟ ଥର ପ୍ଲାଜମା ଦାନ କରିଛନ୍ତି। ବୁଧବାର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ଲାଜ୍‌ମା ବ୍ୟାଙ୍କରେ ସେ ପ୍ଲାଜମା ଦେଇଛନ୍ତି। ପୂର୍ବରୁ ସେପ୍ଟେମ୍ବର ୪ ଓ ଅକ୍ଟୋବର ୧୪ ତାରିଖରେ ମଧ୍ୟ ସେ ପ୍ଲାଜ୍‌ମା ଦାନ କରିଥିଲେ। ରାଓଙ୍କ ମାନବସେବା ପ୍ରଶଂସନୀୟ ବୋଲି ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟ ନାରାୟଣ ମଲ୍ଲିକ କହିଛନ୍ତି। ସୂଚନାଯୋଗ୍ୟ, କମାଣ୍ଡାଣ୍ଟଙ୍କ ତତ୍ତ୍ୱାବଧାନରେ ପ୍ଲାଜ୍‌ମା ଦାନ ମିଶନ ଚାଲିଛି। ଛତ୍ରପୁର ଅଷ୍ଟମ ବାଟାଲିୟନ, ଭଞ୍ଜନଗର ଅଷ୍ଟମ ଏସଆର୍, ଗଜପତି ତୃତୀୟ ଏସଏସ୍ ବାଟାଲିୟନ, ଦେବଗଡ ଚତୁର୍ଥ ଆଇଆର୍ ବାଟାଲିୟନ, ଆଇଆରଇ ସୁରକ୍ଷାରେ ନିୟୋଜିତ ଓଆଇଏସଏଫ୍, ବୌଦ୍ଧ ପଞ୍ଚମ ଆଇଆର୍ ବାଟାଲିୟନ, ଗଜପତି, ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲା, ବ୍ରହ୍ମପୁର ସର୍କଲ ଜେଲ ଓ ଆସିକା ଜେଲର ଶତାଧିକ ପୋଲିସ କର୍ମଚାରୀ ବାଟାଲିୟନ କମାଣ୍ଡାଣ୍ଟ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ଲାଜ୍‌ମା ଦାନ କରିସାଲେଣି।

# ଫୁଲବାଣୀରେ ଉଦ୍‌ଘାଟିତ ହେଲା ମହିଳା କୋର୍ଟ

ଫୁଲବାଣୀ ଅଫିସ, ୨୫।୧୧

ଏଣିକି ମହିଳାମାନେ କୋର୍ଟ ଭିତରେ ଏ କୋର୍ଟସେ କୋର୍ଟ ହେବେ ନାହିଁ। ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ହିଂସା, ନିର୍ଯାତନା ଆଦି ମାମଲା ଗୋଟିଏ କୋର୍ଟ ଭିତରେ ଫଏସଲା ହେବ। ଏନେଇ ଏକ ସ୍ୱତନ୍ତ୍ର ମହିଳା କୋର୍ଟ ଫୁଲବାଣୀ କୋର୍ଟ ପରିସରରେ ଖୋଲାଯାଇଛି। ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ବିଚାରପତି କେ.ଆର ମହାପାତ୍ର ମହିଳା କୋର୍ଟର ଭୂମିକା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ଶାରଦା ପ୍ରସାଦ ନାୟକ, ଜିଲାପାଳ ଡା. ବୃନ୍ଦା ଡି, ଏସ୍‌ପି ଭିନୀତ ଅଗ୍ରୱାଲ, ଫାମିଲି ଜଜ୍ ନିରଞ୍ଜନ ପଣ୍ଡା, ଏଡିଜେ ସମର ବିଳାସ ବେହେରା, ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ତୋଷ, ମଳୟ ରଞ୍ଜନ ଦାସ ଓ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ସିଜେଏମ ରଞ୍ଜିତା ଯୌତିଶି, ଜେଏମ୍‌ଏଫ୍‌ସି ପ୍ରଜ୍ଞା ପରମିତା ମହାନ୍ତି, ଜେଏମ୍‌ଏସ୍‌ସି ପ୍ରେରଣାଶ୍ରୀ ଦେଓ, ମହିଳା କୋର୍ଟ ବିଚାରପତି ଶିବାନୀ ଆଚାର୍ଯ୍ୟ, ଜିଲା ବାର୍ ଆସୋସିଏସନ ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜଜ୍ ଓ ଅନ୍ୟମାନେ।

# ଅଗ୍ନିକାଣ୍ଡରେ ଘର ଜଳିଗଲା

ରାୟଗଡ,୨୫।୧୧(ଡିଏନଏ)

ଗଜପତିଜିଲା ରାୟଗଡ ବ୍ଲକ ଅମ୍ବେଡା ଗ୍ରାମ ପଞ୍ଚାୟତ ଗୈଳଜୁବ ଗ୍ରାମରେ ମଙ୍ଗଳବାର ରାତିରେ ସୁଦର୍ଶନ ରଇତଙ୍କ ଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରକାଶ ଯେ, ସୁଦର୍ଶନଙ୍କ ଘରେ ଗ୍ରାମର କେତେଜଣ ଯୁବକ ପଢାପଢ଼ି କରିବା ସାଙ୍ଗକୁ ଟିଭି ମଧ୍ୟ ଦେଖିଥାନ୍ତି। ସୁଦର୍ଶନ ଉକ୍ତ ଘର ଛାଡ଼ି ଦୀର୍ଘ ଦିନ ହେବ ପାହାଡ଼ରେ ଚାଷବାସ କରିବା ସହିତ ସେଠାରେ ଏକ କୁଡିଆ କରି ପରିବାର ସହିତ ରହୁଛନ୍ତି। ତେବେ ଗ୍ରାମରେ ଥିବା ତାଙ୍କ ଘରେ ଯୁବକମାନେ ଟିଭି ଦେଖୁଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ଖବର ପାଇ ସୁଦର୍ଶନଙ୍କ ପରିବାର ଲୋକେ ଆସିଲା ବେଳକୁ ସମସ୍ତ ଆସବାବପତ୍ର ସହ ଧାନ, ଚାଉଳ ଆଦି ପୋଡ଼ିଯାଇଛି। ରାୟଗଡ଼ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି ବୋଲି ରାୟଗଡ଼ ରାଜସ୍ୱ ନିରୀକ୍ଷକ ହରିଶ୍ଚନ୍ଦ୍ର ରଇତ ସୂଚନା ଦେଇଛନ୍ତି।

# ପରେଶ ସଭାପତି, ଅଶେଷ ସମ୍ପାଦକ ନିର୍ବାଚିତ

ଦିଗପହଣ୍ଡି,୨୫।୧୧(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର ସଭାପତି ଭାବେ ପରେଶ ଚନ୍ଦ୍ର ରଥ, ଉପସଭାପତି ରଞ୍ଜନ କୁମାର ବେହେରା, ସମ୍ପାଦକ ଅଶେଷ ନାଥ ମିଶ୍ର, ସହ ସମ୍ପାଦକ ଗିରିଜା ନନ୍ଦନ ମେକାପ ଏବଂ କୋଷାଧକ୍ଷ ରୂପେ ମନୋରଞ୍ଜନ ପଣ୍ଡା ଅପ୍ରତିଦ୍ୱନ୍ଦି ଭାବେ ନିର୍ବାଚିତ ହୋଇଛନ୍ତି। ଓକିଲ ସଂଘର ନିର୍ବାଚନ ପାଇଁ ବୁଧବାର ନାମାଙ୍କନ ଦାଖଲର ଶେଷ ଦିବସରେ ଉପରୋକ୍ତ ପଦବୀ ନିମନ୍ତେ ଜଣେ ଲେଖାଏ ମନୋନୟନ ପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତେବେ ନିର୍ଦ୍ଧାରିତ ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ ଡିସେମ୍ବର ୧୨ରେ ଏ ନେଇ ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ରାଉତ କହିଛନ୍ତି।

### ଖେମୁଣ୍ଡି ଓକିଲ ସଂଘ ନିର୍ବାଚନ

# ଭଙ୍ଗାଘରେ ବିତୁଛି ଜୀବନ

ବ୍ରହ୍ମପୁର ଅଫିସ,୨୫।୧୧

ଗ୍ରାମାଞ୍ଚଳର ସାଧାରଣ ଲୋକମାନଙ୍କୁ ଉନ୍ନତ ମାନର ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ତାହା ଅନେକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳିଛି। ପ୍ରକୃତ ହିତାଧିକାରୀ ଏହି ସବୁ ସୁଯୋଗରୁ ବଞ୍ଚିତ ହେଉଥିବା ତୃଣମୂଳସ୍ତରରେ ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଗରିବ ଲୋକମାନଙ୍କୁ ଘର ଯୋଗାଇଦେବା ପାଇଁ ଆରମ୍ଭ କରିଛନ୍ତି "ମୋ କୁଡିଆ" ଯୋଜନା। ଏହାଦ୍ୱାରା ଅନେକ ବେସାହାରା ଲୋକମାନଙ୍କୁ ଛାତ ଘର ଖଣ୍ଡିଏ ମିଳିପାରୁଛି। ଫଳରେ ଖରା, ବର୍ଷାରେ ଖୋଲା ଆକାଶ ତଳେ ଜୀବନ ବିତାଉଥିବା ଲୋକଙ୍କ ପାଇଁ ଏହି ଯୋଜନା ସଂଜୀବନୀ ପାଲଟିଛି। ଫାଇଲିନ ବାତ୍ୟାରେ ଘର ଭାଙ୍ଗିଯାଇଥିଲା। ଭଙ୍ଗାଘରେ ଦୀର୍ଘ ୭ ବର୍ଷ ହେଲା ବିତୁଛି ଜୀବନ। ସେ ହେଲେ ରଙ୍ଗେଇଲୁଣ୍ଡ ବ୍ଲକ୍ ନାରାୟଣପୁର ପଞ୍ଚାୟତର ମନସୁରକୋଟ ଗାଁର ଜି.ସାଇବାଣୀ(୭୫)। ଫାଇଲିନ ବାତ୍ୟାରେ ତାଙ୍କ ଘର ଭାଙ୍ଗିଯାଇଥିଲା। ଅର୍ଥ ଅଭାବରୁ ଘର ମରାମତି କରି ନ ପାରି ସେହି ଘରେ ଜୀବନ ବିତାଉଛନ୍ତି। ପରିବାର କହିଲେ ସେ ଏକା। ବହୁତ ଦିନ ପୂର୍ବରୁ ସ୍ୱାମୀ ଆରପାରିରେ। ଭଙ୍ଗା ଘରେ ସାପ ବେଙ୍ଗଙ୍କ ଗହଣରେ ଜୀବନ ବିତୁଛି। ଚାଉଳ ଓ ଭତ୍ତା ମିଳୁଥିଲେ ମଧ୍ୟ ବାର୍ଦ୍ଧକ୍ୟ ଯୋଗୁ ରୋଷେଇ କରି ନ ପାରିବାରୁ ଦିନେ ଖାଇଲେ ଦି ଦିନ ଉପାସ ରହୁଛନ୍ତି। ସରକାରଙ୍କ ଅନେକ ଯୋଜନା ହିତାଧିକାରୀଙ୍କ ନିକଟରେ ପହଞ୍ଚିଛି କିନ୍ତୁ ସତେ ଯେପରି ଏହି ତାଙ୍କ ପାଖରେ ଯୋଜନା ଅଟକି ଯାଇଛି। ସେ ଯିବା ଆସିବା କରିପାରୁ ନାହାନ୍ତି। ତାଙ୍କୁ ଘର ଖଣ୍ଡେ ଯୋଗାଇ ଦେବା ପାଇଁ କୋହଭରା କଣ୍ଠରେ ସରକାରଙ୍କୁ ଅନୁରୋଧ କରୁଛନ୍ତି। ଏନେଇ ନାରାୟଣପୁର ସରପଞ୍ଚ ହିମାଂଶୁ ରାଓଙ୍କୁ ପଚାରିବାରୁ ଆମେ ଚେଷ୍ଟା କରୁଛୁ ତାଙ୍କୁ ଘର ଖଣ୍ଡିଏ ଯୋଗାଇଦେବା ପାଇଁ। ଏହା ସହ ରଙ୍ଗେଇଲୁଣ୍ଡା ବିଡ଼ିଓ କେ.ନାଗଭୂଷଣଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଆମକୁ ଲିଖିତ ଆକାରରେ ଜଣାନ୍ତୁ ଯାହା ସରକାରୀସ୍ତରରେ କରାଯାଇପାରିବ ତାହା କରିବୁ।



ଭଗ୍ନ ଅବସ୍ଥାରେ ଘରର ଛାତ।

### ବାଟବଣା ସରକାରୀ ଯୋଜନା

